# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 March - 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭା ସଚିବାଳୟ ପରିସରରେ ଆରମ୍ଭ ହୋଇଛି ମକ୍‌ପୋଲିଂ; ସୋମବାର ଦିନ ହେବ ଭୋଟଗ୍ରହଣ ।
- ହାଇକୋର୍ଟ ସମେତ ରାଜ୍ୟର ୧୩ଟି ଜିଲ୍ଲାକୋର୍ଟ ଓ ତାଲୁକସ୍ତରୀୟ ଅଦାଲତରେ ଚାଲିଛି ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ।
- 'ଗଣିତ ଓ ଆଶା'ର ବିଷୟବସ୍ତୁ ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଗଣିତ ଦିବସ ।

ଏବଂ

- ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ଫାଇନାଲରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

# ରାଜ୍ୟସଭା ନିର୍ବାଚନ-ପ୍ରାର୍ଥୀପତ୍ର

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ବିଧାନସଭା ସଚିବାଳୟ ପରିସରରେ ମକ୍‌ପୋଲିଂ ଆରମ୍ଭ ହୋଇଛି । ପ୍ରଥମେ ବିରୋଧୀ ବିଜେଡିର ବିଧାୟକମାନେ ମକ୍‌ପୋଲିଂରେ ଅଂଶଗ୍ରହଣ କରିବା ସହିତ ରାଜ୍ୟସଭାରେ ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଛନ୍ତି । ସନ୍ଧ୍ୟାରେ ଶାସକ ଦଳର ବିଧାୟକମାନେ ମକ୍‌ପୋଲିଂରେ ଭାଗ ନେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ନିର୍ବାଚନ ପାଇଁ ନିଯୁକ୍ତ ଅଧିକାରୀମାନେ ବିଧାୟକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ -

ଆସନ୍ତା ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ବୋଲି ଜଣାଯାଇଛି । ଗୃହ କାର୍ଯ୍ୟ ଚାଲିବା ସହିତ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମତଦାନ କରାଯିବ । ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ବିଜେପି ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ, କଂଗ୍ରେସ-ବିଜେଡିର କମନ୍ କ୍ୟାଣ୍ଡିଡେଟ୍ ଦତ୍ତେଶ୍ୱର ହୋତା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଫେବୃୟାରୀ ମାସ ୨୬ ତାରିଖରେ ରାଜ୍ୟସଭା ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା, ବିହାର ଓ ହରିୟାଣା ପାଇଁ ବିଜେପି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ଓଡ଼ିଶା ପାଇଁ ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଚନ୍ଦ୍ରଶେଖର ବାବନକୁଲେ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରଣୀଆ

Cuttack, Ganjam, Bhadrak

## ଲୋକଅଦାଲତ - ଜିଲ୍ଲା

ରାଜ୍ୟରେ ହାଇକୋର୍ଟ ସମେତ ୧୩ଟି ଜିଲ୍ଲାକୋର୍ଟ ଓ ତାଲୁକସ୍ତରୀୟ ଅଦାଲତରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେଉଛି।

କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ଆଜି ପୂର୍ବାହ୍ଣ ୧୦ ଘଟିକାରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହୋଇଛି। ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧିନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଉଛି। ବାଣିଜ୍ୟ ଓ ପରିବହନ ବିଭାଗର ସୂଚନା ଅନୁସାରେ, ୨୦୨୫ ଜୁଲାଇ ମାସ ପୂର୍ବରୁ ଜାରି ହୋଇଥିବା ପୁରୁଣା ଗାଡ଼ି ଚାଲାଣ ବାବଦରେ ଏକକାଳୀନ

ପୈଠ ବ୍ୟବସ୍ଥାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଜୋରିମାନା ଅଦାଲତରେ ବିଚାର କରାଯିବ ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ, ବରିଷ୍ଠ ସିଭିଲ୍ ଜଜ୍ ପୂଜା ଦେ' ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ମାମଲାର ଫଇସଲା କରିଥିଲେ ।

ଭଦ୍ରକ ଜିଲ୍ଲାର ନଳାଙ୍ଗ ଜିଲ୍ଲା ଜଜକୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୧୯ଟି ମୋଟରଯାନ ଦୁର୍ଘଟଣା ମାମଲା ଫଇସଲା ହୋଇ ୧ କୋଟି ୪୪ ଲକ୍ଷ ୩୦ ହଜାର ଟଙ୍କା ସହାୟତା ରାଶି ବୀମା କମ୍ପାନୀକୁ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦେଓ୍ୱାନୀ, ଫୌଜଦାରୀ, ପାରିବାରିକ, ବିଦ୍ୟୁତ୍, ଟେଲିଯୋଗାଯୋଗ, ଶିକ୍ଷାଭିତ୍ତିକ ଶତାଧିକ ମାମଲା ଫଇସଲା ହୋଇଛି ।

ଆଇନଜୀବୀ ବିନୟ ରାଉତ ଲୋକଅଦାଲତର ବିଭିନ୍ନ ମୋକଦ୍ଦମାର ସମାଧାନ ସମ୍ପର୍କରେ ପ୍ରତିକ୍ରିୟାରେ କହିଛନ୍ତି ....

**- V/O –**

BBSR

## ଟ୍ରାଫିକ ଚାଲାଣ ମାମଲା

ଲୋକଅଦାଲତଙ୍କ ଜରିଆରେ ଟ୍ରାଫିକ୍ ଚାଲାଣ ମାମଲାଗୁଡ଼ିକର ରିହାତିରେ ସମାଧାନ ପାଇଁ ରାଜ୍ୟ ପରିବହନ ଆୟୁକ୍ତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ନିଆଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏ ନେଇ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କଟକରେ ୬ଟି ସ୍ୱତନ୍ତ୍ର ସହାୟତା କେନ୍ଦ୍ର ସ୍ଥାପନ ହୋଇଥିବା ପରିବହନ ଆୟୁକ୍ତଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଲୋକଅଦାଲତ କ୍ୟାମ୍ପ ପରିସରରେ ତିନୋଟି ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ତିନୋଟି ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। echallan.parivahan.gov.in ପୋର୍ଟାଲ ମାଧ୍ୟମରେ ସାଧାରଣ ଜନତା ଚାଲାଣ ପୈଠ କରିପାରିବେ।

Desk

# ଓଡ଼ିଶା ପର୍ବ

ନୂଆଦିଲ୍ଲୀରେ ଆୟୋଜିତ "ଓଡ଼ିଶା ପର୍ବ-୨୦୨୬" ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇ "ଏକ ଭାରତ-ଶ୍ରେଷ୍ଠ ଭାରତ"ର ସଂକଳ୍ପକୁ ଦୃଢ଼ୀଭୂତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ପରିଚୟର ମୂଳଦୁଆ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବିଶ୍ୱଦରବାରରେ ଓଡ଼ିଆମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ରାଜ୍ୟର ଗୌରବମୟ ଐତିହ୍ୟ, ପରମ୍ପରା ଏବଂ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ୨୦୩୬ ମସିହା ସୁଦ୍ଧା

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଏକତ୍ର ହୋଇ ଏକ ସମୃଦ୍ଧ ଏବଂ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ନେବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ପର୍ବ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ।

Desk

# ଗଣିତ ଦିବସ

'ଗଣିତ ଓ ଆଶା'ର ବିଷୟବସ୍ତୁ ନେଇ ଆଜି ଅନ୍ତର୍ଜାତୀୟ ଗଣିତ ଦିବସ ପାଳନ କରାଯାଉଛି। ପାଇଥୋଗୋରିଆନ୍ ମାନେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଗଣିତ ଶବ୍ଦ ସୃଷ୍ଟି କରିଥିଲେ। ଏହି ସଂଖ୍ୟା ଜୀବନର ଏକ ଅଂଶବିଶେଷ ଭାବେ ବିବେଚନା କରାଯାଇଥାଏ। ରାଜ୍ୟର ଶିକ୍ଷାନୁଷ୍ଠାନ, ସଂଗ୍ରହାଳୟ, ପାଠାଗାରଗୁଡ଼ିକରେ ଗଣିତ ଦିବସ ପାଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣିତ ହେଉଛି ଶିକ୍ଷା ଏବଂ ଗବେଷଣାର ଆଧାର ସହ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ପ୍ରମୁଖ ଅଂଶବିଶେଷ। ଏହାର ଉପଯୋଗିତାକୁ ଗୁରୁତ୍ୱ ଦେଇ ୨୦୧୯ ନଭେମ୍ବର ମାସରେ ୟୁନେସ୍କୋର ୪୦ତମ ସାଧାରଣ ଅଧିବେଶନରେ ଆଜିର ଦିନକୁ ଅନ୍ତର୍ଜାତୀୟ ଗଣିତ ଦିବସ ଭାବେ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗଣିତ ଦିବସ ଅବସରରେ ସାମାଜିକ

ଗଣମାଧ୍ୟମରେ କହିଛନ୍ତି, ଗଣିତ କେବଳ ସଂଖ୍ୟା ଏବଂ ସମୀକରଣ ନୁହେଁ; ଏହା ନବସୃଜନ, ଆବିଷ୍କାର ଏବଂ ଭବିଷ୍ୟତକୁ ଆକାର ଦେଉଥିବା ସମାଧାନର ମୂଳଦୁଆ। ଗଣିତର ପ୍ରତିଭା ଏବଂ ଏହାର ଦିଗନ୍ତକୁ ବିସ୍ତାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଜି ସମ୍ମାନ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

BBSR

# ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍

ପୁରୀ ବେଳାଭୂମିରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଏବଂ କ୍ରୀଡ଼ାଭିତ୍ତିକ ସଚେତନତା ପ୍ରତି ପଦକ୍ଷେପ ଗ୍ରହଣ କରାଯିବ। ପୁରୀ ଏକ ବିଶ୍ୱସ୍ତରୀୟ ଐତିହ୍ୟ ସହର ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପ୍ରତିଯୋଗୀ ଯୋଗଦେବେ ବୋଲି ଜଣାପଡ଼ିଛି। ଫିଟ୍ ଇଣ୍ଡିଆ ମିଶନ ଅଧିନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଶାରୀରିକ ସୁସ୍ଥତାକୁ ଜନସାଧାରଣଙ୍କ ନିମନ୍ତେ ଏକ ନିୟମିତ ଅଭ୍ୟାସରେ ପରିଣତ କରିବା। ଯୁବପୀଢ଼ୀ, ପର୍ଯ୍ୟଟକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ଏକ ଯୋଗସୂତ୍ର ସ୍ଥାପନ କରିବ। କାର୍ଣ୍ଣିଭାଲ୍‌ରେ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ଏକତ୍ର କରି ଓଡ଼ିଶାର ପରମ୍ପରା, ଐତିହ୍ୟ, ପରିବେଶ ଓ

ଜନକଲ୍ୟାଣର ବାର୍ତ୍ତା ପ୍ରସାର କରାଯିବ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଏହି ଅବସରରେ ପାରମ୍ପରିକ କ୍ରୀଡ଼ା, ସ୍ୱାସ୍ଥ୍ୟଭିତ୍ତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

Nabarangpur

## ଜିଲ୍ଲାପାଳଙ୍କ ବୈଠକ

ନବରଙ୍ଗପୁର ଜିଲ୍ଲାରେ ରନ୍ଧନ ଗ୍ୟାସ ବିତରଣ ସମ୍ପର୍କିତ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ପେଟ୍ରୋଲପମ୍ପ ଓ ଗ୍ୟାସ ଏଜେନ୍ସି ମାଲିକମାନେ ଉପସ୍ଥିତ ରହି ଜିଲ୍ଲାରେ ସୁରୁଖୁରୁରେ ଗ୍ୟାସ୍ ବିତରଣ ବାବଦରେ ଆଲୋଚନା କରିଥିଲେ। ଗ୍ୟାସ୍ ଗୋଦମରେ ପୁଲିସ ମୁତୟନ କରାଯାଇ ବିତରଣ ବ୍ୟବସ୍ଥାକୁ ସରଳୀକରଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ବିଦ୍ୟାଳୟ ହଷ୍ଟେଲଗୁଡ଼ିକୁ ନିୟମିତ ଗ୍ୟାସ୍ ଯୋଗାଇବାରେ ଯେଭଳି ସମସ୍ୟା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

Nuapada

## ତିଖାଲି ଡ୍ୟାମ୍ ଲୋକମହୋତ୍ସବ

ନୂଆପଡ଼ା ପୁରୁଣା ବ୍ଲକରେ ପ୍ରଥମ ତିଖାଲି ଡ୍ୟାମ୍ ଲୋକମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପରିଷଦ

ଉପାଧ୍ୟକ୍ଷା ଦୀପିକା ଦୀପ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଏହା କଳାସଂସ୍କୃତିକୁ ଉଜ୍ଜୀବିତ ରଖିବାର ଏକ ପ୍ରୟାସ ବୋଲି କହିଛନ୍ତି ।

HS

## ହକି ୱାର୍ଲ୍ଡ କପ୍

ଭାରତୀୟ ମହିଳା ହକି ଦଳ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ ୨୦୨୬ର ଫାଇନାଲରେ ଆଜି ଇଂଲଣ୍ଡକୁ ଭେଟିବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ତେଲଙ୍ଗାନାର ଜିଏମ୍‌ସି ବାଲାଯୋଗୀ ହକି ପଡ଼ିଆରେ ଅନୁଷ୍ଠିତ ହେବ । ଉଭୟ ଦଳ ଏପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅପରାଜିତ ଅଛନ୍ତି । ସାଲମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗତକାଲି ସେମିଫାଇନାଲ୍‌ରେ ଇଟାଲୀକୁ ୧-୦ରେ ପରାସ୍ତ କରିଛି । ୨୦୧୮, ୨୦୨୨ ଓ ଚଳିତବର୍ଷକୁ ମିଶାଇ ଭାରତୀୟ ମହିଳା ହକି ଦଳ ୩ ଥର ଲାଗି ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ସଫଳତା ହାସଲ କରିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନକୁ ପ୍ରଶଂସା କରିବା ସହିତ ଏହା ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି । ଫାଇନାଲ୍ ମ୍ୟାଚ୍ ପାଇଁ ଶ୍ରୀ ମାଝୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

Desk

# ପାଣିପାଗ

ଉପକୂଳ ଅଞ୍ଚଳ ସମେତ ରାଜ୍ୟର ପଶ୍ଚିମ ଭାଗରେ ଦିନ ତାପମାତ୍ରା ଅଧିକ ବୃଦ୍ଧି ପାଉଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆଜି ଗ୍ରୀଷ୍ମପ୍ରବାହ ନେଇ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ରାଜ୍ୟର ଉପକୂଳ ଅଞ୍ଚଳଗୁଡ଼ିକରେ କାଳବୈଶାଖୀର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ଅନୁମାନ କରାଯାଇଛି।

Desk

# ନବମ ଶ୍ରେଣୀ ନାମଲେଖା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଚଳିତମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ଆଡମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଆସନ୍ତା ୧୬ ତାରିଖ ସୋମବାରଠାରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।